"ସମୁଦ୍ର ଏତେ ଯେ ନୀଳ, ନୀଳତର ଆକାଶର ଠାଣି
ତଥାପି ମୋ ନୟନରେ ଦୁଇ ବିନ୍ଦୁ ସୁନୀଳ ଚାହାଣି
ଦେଲ ଯେବେ ଅନୁରାଗ ହେ ମୋ ଶିଳ୍ପୀ ଏ ତନୁ ମନର
ତେବେ ତୁମ ସୃଜନର ଅନ୍ତହୀନ ଚାରୁ ଗନ୍ତାଘର
ଅନିମେଷେ ଅବଲୋକି ଆଦିଗନ୍ତ ଆଶ୍ଚର୍ଯ୍ୟ ପୁଲକେ
ବିଲୀନ ମୁଁ ହୁଏ ଯେହ୍ନେ ଅବଶେଷେ ତୁମରି ପୁଲକେ ।"

'ଉପନିବେଶ' କବିତା ଗ୍ରନ୍ଥର ସର୍ବଶେଷ କବିତାର ଏଇ ପଂକ୍ତି ଏବେ ବି ପାଠକର ପ୍ରାଣକୁ ଗଭୀର ଭାବରେ ସ୍ପନ୍ଦିତ, ଆଲୋଡ଼ିତ କରେ । ବାରମ୍ବାର ବିଲୀନ ହେବାକୁ ପଡ଼େ କବିତାର ଅର୍ନ୍ତଧ୍ୱନୀ ମଧ୍ୟରେ । ଏଇ କବିତାର ସ୍ରଷ୍ଟା, ଅମୃତ-ସନ୍ଧାନୀ କବି ଆତ୍ମା ଭିତରୁ ମଧ୍ୟ ଏହାର ବହୁ ପୂର୍ବରୁ ଦିନେ ସ୍ୱତଃ ଝରି ପଡୁଥିଲା ବିପ୍ଳବର ସ୍ୱର-ଝଙ୍କାର: "ସୂର୍ଯ୍ୟ ଉଠେ ଦୂରରେ, ନୌକା ଭିଡ଼ାଅ ତୀରରେ ।" ମାର୍କସବାଦୀ ଚେତନାରେ ବିଶ୍ୱାସୀ, ସେ ଦିନର ସେଇ ବିପ୍ଳବୀ କବି, ଲିରିକ୍ ରଚୟିତା, ସ୍ୱର ସଂଯୋଜକ, ଛାତ୍ରନେତା ମନୋଜ ଦାସ ଆଜି ପଣ୍ଡିଚେରୀ ଆଶ୍ରମରେ ସାଧନାରତ ଜଣେ ମହିମାମୟ ସାଧକ, ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ଜୀବନଧର୍ମୀ ଲେଖକ, ଚେତନାର ତୁଙ୍ଗ ଶିଖରରେ ଅଧିଷ୍ଠିତ କଥା ସୃଜନ ପରମ୍ପରାର ଜଣେ ଅସାମାନ୍ୟ କଳାକାର- ସେପରି ଜଣେ ଅନନ୍ୟ ସ୍ରଷ୍ଟା ଓ ସାଧକଙ୍କ ସହିତ **ଡଃ. ସୁଷମା ତେଜଙ୍କ** ସାକ୍ଷାତକାର ।

ଉପସ୍ଥାପନା - କାଦମ୍ବିନୀ ବ୍ୟୁରୋ





# ଅବଶେଷେ ତୁମରି ପୁଲକେ ...

ଆଜୀବନ ଅନ୍ୱେଷଣ - 'ଦୂର ଦୂରାନ୍ତ'ର ଭ୍ରମଣ - ନିଜର ଅନୁପମ ସୃଷ୍ଟି ମାଧ୍ୟମରେ 'କେତେ ଦିଗନ୍ତ'ର ସ୍ପର୍ଶ କରିବାର ଅଭୀପ୍ସା-ସାମାଜିକ ଅଙ୍ଗୀକାର ସହିତ ହୃଦୟର ପ୍ରେରଣାର ସମନ୍ୱୟ- ମନୋଜ ଦାସଙ୍କ ଶିଳ୍ପୀ ଓ ସାଧକ ଜୀବନକୁ ବୈଚିତ୍ର୍ୟ ଓ ବୈଶିଷ୍ଟ୍ୟମୟ କରି ଗଢ଼ିତୋଳିଛି । ସାହିତ୍ୟ ସୃଷ୍ଟିକୁ ଜୀବନର ବ୍ରତ ଭାବରେ ଗ୍ରହଣ କରି ନେଇଥିବା ମନୋଜ ଦାସ ଓଡ଼ିଆ ଗଳ୍ପଧାରାରେ ଆଣିଛନ୍ତି ଏକ ନୂତନ ଉନ୍ମେଷ । ମାପିଚୁପି ମାର୍ଜିତ ଶବ୍ଦ ପ୍ରୟୋଗ, କାହାଣୀ ପ୍ରବାହରେ ଚରମ ଉତ୍କଣ୍ଠା, ସଜଳ-ଶାଣିତ ଶୈଳୀ ଏବଂ ସର୍ବୋପରି ସମାଜ ଓ ବ୍ୟକ୍ତି ଜୀବନ ପ୍ରତି ଏକ ସମ୍ବେଦନଶୀଳ ମର୍ମଭେଦୀ ଅର୍ନ୍ତଦୃଷ୍ଟି ତାଙ୍କ କଥା ସାହିତ୍ୟକୁ ଆଣିଦେଇଛି ଏକ ସାର୍ବଜନୀନ ସର୍ବକାଳୀନ ଆବେଦନ ।

ଓଡ଼ିଶା ବାହାରେ ଯେଉଁ ଅଳ୍ପ କେତେ ଜଣ ଓଡ଼ିଆ ସେମାନଙ୍କ ସାହିତ୍ୟ ସାଧନା ସକାଶେ ସୁପରିଚିତ, ସେମାନଙ୍କ ମଧ୍ୟରେ ସେ ଅଗ୍ରଗଣ୍ୟ । ମନୋଜ ଦାସ ଓଡ଼ିଆମାନଙ୍କ ନିକଟରେ ଯେପରି ଓଡ଼ିଆ ପ୍ରାଣ, ସର୍ବଭାରତୀୟ ସ୍ତରରେ ସେପରି ଭାରତୀୟ ପରମ୍ପରାର ପ୍ରବକ୍ତା ଏବଂ ଆନ୍ତର୍ଜାତୀୟ ସ୍ତରରେ ଜଣେ ବିଶିଷ୍ଟ ଚିନ୍ତାନାୟକ । ଉଭୟ ଓଡ଼ିଆ ଓ ଇଂରାଜୀ ଭାଷାରେ ସାହିତ୍ୟ ରଚନା କରିବାରେ ତାଙ୍କର ଅସାଧାରଣ ଦକ୍ଷତା ରହିଛି । ସେ ଏକାଧାରରେ ଜଣେ ବିଶିଷ୍ଟ ଲେଖକ, ପ୍ରସିଦ୍ଧ ଶିକ୍ଷାବିତ୍, ରୁଚିଶୀଳ ସମ୍ପାଦକ ଏବଂ ଶ୍ରୀ ଅରବିନ୍ଦ ଦର୍ଶନ ଓ ଆଧ୍ୟାତ୍ମିକ



ଭାବ ଚେତନାରେ ବିଶ୍ୱାସୀ ଜଣେ ଅନନ୍ୟ ବ୍ୟକ୍ତିତ୍ୱ । ଲେଖକ ଭାବରେ ପୁଣି ସେ ବହୁଧା ବିଭକ୍ତ- କବି, ଗାଳ୍ପିକ, ଔପନ୍ୟାସିକ, ପ୍ରାବନ୍ଧିକ, ସ୍ତମ୍ଭକାର, ଭ୍ରମଣ ବୃତ୍ତାନ୍ତ ଲେଖକ, ଶିଶୁ ସାହିତ୍ୟ ସ୍ରଷ୍ଟା ଭାବରେ ସୁବିଦିତ । ଜଣେ ବୌଦ୍ଧିକ ଅଥଚ ଜନପ୍ରିୟ ଲେଖକ ଭାବରେ ସେ ପାଠକଙ୍କର ପ୍ରତ୍ୟେକ ଅଜସ୍ର ଶ୍ରଦ୍ଧାର ଅଧିକାରୀ । ସବୁ ଶ୍ରେଣୀର ପାଠକ ତାଙ୍କ ଲେଖନୀ ନିଃସୃତ ଲେଖା ପଢ଼ି ଆମୋଦିତ ହୁଅନ୍ତି । ଜ୍ଞାନ ଆହରଣ କରନ୍ତି । ସବୁ କିସମର ଶ୍ରୋତା ତାଙ୍କ ବକ୍ତବ୍ୟ ଶୁଣି ମନ୍ତ୍ରମୁଗ୍ଧ ହୁଅନ୍ତି ଏବଂ ଶ୍ରୀ ଅରବିନ୍ଦ ଦର୍ଶନରେ ବିଶ୍ୱାସ କରୁଥିବା ବ୍ୟକ୍ତିମାନେ ଅତ୍ୟନ୍ତ ସମ୍ମାନର ସହ ତାଙ୍କ ଚିନ୍ତାଧାରାକୁ ଗ୍ରହଣ କରନ୍ତି । ଆହୁରି ମଧ୍ୟ ଇଂରାଜୀ ଲେଖା ନିମନ୍ତେ ଦେଶ ବିଦେଶରେ ଅଜସ୍ର ଖ୍ୟାତିଲାଭ କରିଥିବା ତାଙ୍କ ପରି ବହୁ ପ୍ରଚାରିତ ଲେଖକ ସମ୍ପ୍ରତି ଆମ ସାହିତ୍ୟରେ ଖୁବ୍ ବିରଳ । ସମାଜ ଓ ବ୍ୟକ୍ତି ଜୀବନ ପ୍ରତି ଏକ ସମ୍ବେଦନଶୀଳ, ମର୍ମଭେଦୀ ଅର୍ନ୍ତଦୃଷ୍ଟି ତାଙ୍କ ଲେଖନୀକୁ ଆଣି ଦେଇଛି ସାର୍ବଜନୀନ ଆବେଦନ, ଯନ୍ତ୍ରଣା-କାତର ମଣିଷ ଆଖିରେ ଫୁଟି ଉଠିଛି ନୂତନ ଜୀବନର ଦ୍ୟୁତି ଏବଂ ଭାରତୀୟ ସମକାଳୀନ ସାହିତ୍ୟ କ୍ଷେତ୍ରରେ ସେ କ୍ରମଶଃ ଅଧିକାର କରିଚାଲିଛନ୍ତି ସର୍ବକାଳୀନତା ।

ନୂତନ ଶତାବ୍ଦୀରେ ବିଗତ ଶତାବ୍ଦୀର ସ୍ମୃତି ରାଜିକୁ ମାନସପଟକୁ ଆଣିଲେ ଓଡ଼ିଆ ସାହିତ୍ୟରେ ମନୋଜ ଦାସ ଜଣେ ମହାନ୍ ସ୍ରଷ୍ଟା ଓ ସାଧକ ଭାବରେ ଉଭା ହୁଅନ୍ତି ଏବଂ ତାଙ୍କ କୃତି ଓ କୀର୍ତ୍ତି ଆଖି ଆଗରେ ଉଦ୍ଭାସିତ ହୋଇଉଠେ । ଚଳନ୍ତି ଶତାବ୍ଦୀରେ ମଧ୍ୟ ତାଙ୍କ ଦ୍ୟୁତିର ଔଜ୍ଜ୍ୱଲ୍ୟ ଆମ ସମସ୍ତଙ୍କୁ ଚମତ୍କୃତ କରେ । ବୃହତ୍ତର ପାଠକ ସମାଜ ପାଖରେ ତାଙ୍କ ବ୍ୟକ୍ତି ଜୀବନର ଝଲକ ଓ କୃତିରାଜିର ସାମଗ୍ରିକ ରୂପର ଯଥାସମ୍ଭବ ପସରା ଖୋଲିଦେବା ସ୍ୱାଭାବିକ ହୋଇଯାଏ । କୃତି ଓ ଖ୍ୟାତିରେ ପରିପୂର୍ଣ୍ଣ ଓଡ଼ିଆ ସାହିତ୍ୟର ଜନପ୍ରିୟ ସ୍ରଷ୍ଟା ଭାବରେ ସେ ଅଗଣିତ ପାଠକଙ୍କ ହୃଦୟ ସିଂହାସନକୁ ଅକ୍ତିଆର କରି ରହିଛନ୍ତି ବିଗତ ପ୍ରାୟ ପାଞ୍ଚ ଦଶନ୍ଧି ହେଲା । ଫକୀର ମୋହନଙ୍କ ଭାବଭୂମିର ସେ ହେଉଛନ୍ତି ସାର୍ଥକ ଉତ୍ତର ପୁରୁଷ । ଭାଷା, ଭାବ, ଶୈଳୀ ଓ ଛନ୍ଦ ପ୍ରବାହରେ ସାହିତ୍ୟ ସଂସାରକୁ ମୁଗ୍ଧ କରି ରଖିଥିବା ଜଣେ ଅସାଧାରଣ ଶବ୍ଦର ଯାଦୁକର । ତେଣୁ ପ୍ରାଚୀନ କାହାଣୀର କାରିଗରୀକୁ ନେଇ ଆଧୁନିକ ଗଳ୍ପକୁ ସମୃଦ୍ଧ କରିବାରେ ସେ ସିଦ୍ଧହସ୍ତ । ଆହୁରି ମଧ୍ୟ ପରମ୍ପରା, ପୁରୋଦୃଷ୍ଟି ଓ ମାଟି-ମଣିଷ ପ୍ରତି ମମତ୍ୱବୋଧ ସହିତ ଆଧୁନିକତା ପ୍ରତି ପ୍ରବଳ ଆକର୍ଷଣ ରଖି ସେ ସାଜିଛନ୍ତି ଆଧ୍ୟାତ୍ମିକତା ଓ ମାନବବାଦର ମୁଗ୍ଧ ନାନ୍ଦୀକାର । ନୂତନ ରୁଚିବୋଧ ଓ ଅଭିନବ ଭାବବଳୟରେ ତାଙ୍କ ସୃଜନଜଗତ ଦୀପ୍ତିମାନ । ତାଙ୍କ ବହୁମୁଖୀ ସାହିତ୍ୟ ସାଧନା ତଥା ବିଚକ୍ଷଣ ସାହିତ୍ୟ ସମ୍ପାଦନା ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ । ତାଙ୍କ ଋଷିପ୍ରତିମ ବ୍ୟକ୍ତିତ୍ୱ ଓ ଗମ୍ଭୀର

'ପଦ୍ମଶ୍ରୀ' ଓ 'ସରସ୍ୱତୀ' ସମ୍ମାନ ଭଳି ଦୁଇଟି ସମ୍ମାନଜନକ ପୁରସ୍କାର ପାଇବା ପରେ ଆପଣଙ୍କୁ କିଭଳି ଲାଗୁଛି ?

ଠିକ୍ ଭାବରେ ହୁଏତ ବୁଝାଇ ପାରିବି ନାହିଁ । ପୁରସ୍କାର, ସମ୍ମାନ ଇତ୍ୟାଦି ମୋ ପାଇଁ ଏକ ଏକ ଘଟଣା ମାତ୍ର । ଯେମିତି ନୂଆ ବର୍ଷଟିଏ ଆସିଲେ ଜଣେ ସମୟ ସମ୍ପର୍କରେ ସଚେତନ ହୋଇଉଠେ, ସେମିତି । ଯେଉଁମାନେ ମୋ ଲେଖାଲେଖିର ବିଦଗ୍ଧ ରସିକ ବା ଗୁଣଗ୍ରାହୀ ପାଠକ, ସେମାନେ ଆନନ୍ଦିତ ହୁଅନ୍ତି - ତାହା ହିଁ ମୋର ଏକ ସନ୍ତୋଷ । ସେମାନଙ୍କ ରୁଚି ଏକ ସମୀକ୍ଷକ ମଣ୍ଡଳୀ ଦ୍ୱାରା ସମର୍ଥିତ ହେଲା, ଏହା ସେମାନଙ୍କ ଆନନ୍ଦର ହେତୁ । ସେମାନଙ୍କ ଆନନ୍ଦ ମୋ ଆନନ୍ଦର ହେତୁ ।

ସାହିତ୍ୟ ଓ ଆଧ୍ୟାତ୍ମିକ କ୍ଷେତ୍ରରେ ଆପଣ ଜଣେ ଉଚ୍ଚକୋଟୀର ସାଧକ । ତେଣୁ ଏଭଳି ଦୁଇଟି ପୁରସ୍କାର ପାଇବାରେ ଅଧିକ ମୂଲ୍ୟବୋଧ ଅଛି କି ?

ମୋ ସାହିତ୍ୟ ଉଚ୍ଚକୋଟୀର ବୋଲି କହିଲେ ମୁଁ ସସମ୍ଭ୍ରମ ତାକୁ ଗ୍ରହଣ କରିନେଇପାରେ । କିନ୍ତୁ ଆଧ୍ୟାତ୍ମିକ କ୍ଷେତ୍ରରେ ମୁଁ କେତେ ଦୂର ସାଧକ, ମୋଟରୁ ସାଧକ କି ନୁହେଁ, ସେ କଥା ଆପଣ କେମିତି ଜାଣିବେ ? ଏପରିକି ମୁଁ ବି କେମିତି ଜାଣିବି ? ସେ ରହସ୍ୟ ଏକମାତ୍ର ଦିବ୍ୟଶକ୍ତି ହିଁ ଜାଣିପାରିବ, ଆଉ କେହି ନୁହେଁ । ମୁଁ ଜଣେ ଜିଜ୍ଞାସୁ ମାତ୍ର - ଆଧ୍ୟାତ୍ମିକ ଦୃଷ୍ଟିରୁ । ତାହା ହିଁ ମୋର ଧାରଣା । ଆମେ ଜୀବନ ନିର୍ବାହ କରିଥାଉଁ ତୁଚ୍ଛା ଗୋଟାଏ ସ୍ତରରେ ନୁହେଁ, ବହୁ ସ୍ତରରେ । ତାହା ଏକ ବ୍ୟାପକ ପ୍ରସଙ୍ଗ । ଆନୁଷ୍ଠାନିକ ପୁରସ୍କାର ଓ ସମ୍ମାନକୁ ଯେ ପର୍ଯ୍ୟନ୍ତ ସାମୂହିକ ସାମାଜିକ ସ୍ୱୀକୃତି ମିଳୁଥିବ, ସେ ପର୍ଯ୍ୟନ୍ତ ତା'ର ମୂଲ୍ୟ ଅବଶ୍ୟ ରହିଛି । ସ୍ୱୀକୃତିର ପର୍ଯ୍ୟାୟଭେଦ ରହିଛି । ଜଣେ ଚିତ୍ର ତାରକାର ସାମୂହିକ ସ୍ୱୀକୃତି ଏବଂ ଜଣେ ସୃଜନଶୀଳ ଲେଖକଙ୍କର ସାମାଜିକ ସ୍ୱୀକୃତିର ପର୍ଯ୍ୟାୟ ଭିନ୍ନ । ଯଦି ଜଣେ ସଚ୍ଚା ସାହିତ୍ୟିକଙ୍କୁ ସାମାଜିକ ସ୍ୱୀକୃତି ଦିଆଯାଏ, ତେବେ ସେ ସମାଜର ସମୀକ୍ଷକବୃନ୍ଦ, ବିଚାରକବୃନ୍ଦଙ୍କ ଉପରେ ଆସ୍ଥା ଦୃଢ଼ ହୁଏ । ମୋ ବ୍ୟକ୍ତିଗତ ସ୍ତରରୁ କହିଲେ, ଏସବୁ ପାଇବା ନ ପାଇବାରେ ମୋର ଉଲ୍ଲସିତ ବା କ୍ଷୁବ୍ଧ ହେବାର ସମ୍ଭାବନା କ୍ଷୀଣ ।

ସାଧାରଣତଃ ପ୍ରତ୍ୟେକ ବ୍ୟକ୍ତି ନିଜ ନିଜ କର୍ମ କ୍ଷେତ୍ରରେ ସ୍ୱୀକୃତି ଚାହାଁନ୍ତି । ଆପଣଙ୍କ ମନକୁ ଏପରି ଏକ ଧାରଣା କେବେ ଆସିଛି ନା ଆପଣ କେବଳ ନିଜର ସନ୍ତୋଷ ପାଇଁ ଲେଖି ଚାଲିଛନ୍ତି ?

ଲେଖାଲେଖି ମୋ ପାଇଁ ଏକ ସ୍ୱାଭାବିକ୍ ଅଭିବ୍ୟକ୍ତି । ତଥାପି ଯିଏ ଅଭିବ୍ୟକ୍ତି ଦିଏ, ସେ ନିଶ୍ଚୟ ସେ ଅଭିବ୍ୟକ୍ତିର ପ୍ରତିକ୍ରିୟା ଆଶା କରେ । ସାହିତ୍ୟ, ସଙ୍ଗୀତ, କଳା ଭଳି କ୍ଷେତ୍ରରେ ସେ ପ୍ରତିକ୍ରିୟା ସ୍ୱୀକୃତି ହିଁ ହେବ ବୋଲି ଆଶା କରାଯାଏ । ଅନ୍ୟମାନଙ୍କ ଭଳି ମୁଁ ବି ସ୍ୱୀକୃତି ଆଶା କରିଛି । କିନ୍ତୁ ସେ ସ୍ୱୀକୃତିର ରୂପ ଆନୁଷ୍ଠାନିକ ପୁରସ୍କାର ହେବ ବୋଲି

ବାକ୍‌ଶକ୍ତି ଓ ଭଙ୍ଗୀ ଯେକୌଣସି ବ୍ୟକ୍ତିକୁ ମୁଗ୍ଧ ଓ ଆକର୍ଷିତ କରିବ ।

ବାଲେଶ୍ୱର ଜିଲ୍ଲାର ଭୋଗରାଇ ଥାନା ଅନ୍ତର୍ଗତ ଶଙ୍ଖାରି ଗାଁରେ ଏକ ସମ୍ଭ୍ରାନ୍ତ ପରିବାରରେ ୧୯୩୪ ମସିହା ଫେବୃୟାରୀ ୨୭ତାରିଖରେ ଜନ୍ମ ଗ୍ରହଣ କରି ମନୋଜ ଦାସ ଯେପରି ପାଲଟି ଯାଇଛନ୍ତି ଶାଶ୍ୱତ ଜୀବନ ଓ ସୌନ୍ଦର୍ଯ୍ୟର ଦିବ୍ୟ ଚେତନା ଏବଂ ଜଣେ ବିସ୍ମୟଦୀପ୍ତ ପ୍ରତିଭା ଭାବରେ । ସେ ମଣିଷକୁ ନେଇ ଯେପରି ଅଧ୍ୟୟନ କରିଛନ୍ତି ଏବଂ ଯେଉଁ ଅର୍ନ୍ତଦୃଷ୍ଟି ନେଇ ତା'ର ଅସହାୟତାର ଚିତ୍ରକୁ ସଂସ୍ଥାପିତ୍ କରିଛନ୍ତି, ତାହା ତାଙ୍କ ଚରିତ୍ରର ଏକ ଗୁରୁତ୍ୱପୂର୍ଣ୍ଣ ବୈଶିଷ୍ଟ୍ୟ । ଯୌବନରେ ସାମ୍ୟବାଦ ପ୍ରତି ପ୍ରଗାଢ଼ ବିଶ୍ୱାସୀ ଥିଲେ ହେଁ ତାଙ୍କ ସୃଷ୍ଟିରେ ସାମ୍ୟବାଦର ସ୍ୱର ନଗଣ୍ୟ । ପ୍ରଚାର ସର୍ବସ୍ୱ ଉର୍ଦ୍ଧ୍ୱରେ ମଣିଷର ଅସହାୟତା ପ୍ରତି ତାଙ୍କର ଏକ ସମ୍ବେଦନଶୀଳ ଆତ୍ମା ହିଁ ଦୃଷ୍ଟିଗୋଚର ହୋଇଥାଏ । ପରବର୍ତ୍ତୀ ସମୟରେ ସେ ଅରବିନ୍ଦ ଦର୍ଶନରେ ଅନୁପ୍ରାଣିତ ହେଲେ ମଧ ଆଧ୍ୟାତ୍ମିକ ଦିଗ୍‌ଦର୍ଶନ ତାଙ୍କୁ ସମ୍ପୂର୍ଣ୍ଣ ଭାବେ ଆଚ୍ଛାଦିତ କରିନାହିଁ । ସାମ୍ୟବାଦରୁ ଆଧ୍ୟାତ୍ମବାଦ - ଏହି ଦୀର୍ଘପଥର ଯାତ୍ରାରେ ସେ ଉଭୟ ମତବାଦର ସମନ୍ୱୟାତ୍ମକ ଆଦର୍ଶବାଦ ଚିନ୍ତାଧାରା ସୃଷ୍ଟି କରିଛନ୍ତି ।

ମନୋଜ ଦାସଙ୍କ ପରିବାର ଓ ପିଲାଦିନ ଖୁବ୍ ସଂକ୍ଷେପରେ ଏମିତି । ତାଙ୍କ ଜେଜେବାପା ମଦନମୋହନ ଦାସ ଭୋଗରାଇର ଜଣେ ପ୍ରତିଷ୍ଠିତ ଗଣ୍ୟମାନ୍ୟ ବ୍ୟକ୍ତି । ବାପା ମଧୁସୂଦନ ଦାସ ଓ ମା' କାଦମ୍ବିନୀ ଦାସ । ବଡ଼ଭାଇ ପ୍ରଫେସର ମନ୍ମଥନାଥ ଦାସ (ବିଶିଷ୍ଟ ଐତିହାସିକ, ଉତ୍କଳ ବିଶ୍ୱବିଦ୍ୟାଳୟ ପୂର୍ବତନ କୁଳପତି ତଥା ବର୍ତ୍ତମାନ ରାଜ୍ୟସଭା ସଭ୍ୟ) । ଏହାଛଡ଼ା ତାଙ୍କର ତିନି ଭଉଣୀ । ତାଙ୍କ ସ୍ମୃତିମୁଖର ପିଲାଦିନ ପ୍ରାକୃତିକ ପରିବେଶଭରା ସମୁଦ୍ରକୂଳିଆ ଶଙ୍ଖାରି ଗାଁରେ ବିତିଥିଲା । ବାଲେଶ୍ୱର ଜିଲ୍ଲା ସ୍କୁଲରୁ ମାଟ୍ରିକ ଓ ପୁରୀ ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟରୁ ବି.ଏ. ପାଶ୍ କରି ସେ ମଧୁସୂଦନ ଆଇନ୍ ମହାବିଦ୍ୟାଳୟରେ ଦୁଇବର୍ଷ ଆଇନ୍ ପଢ଼ି ପରୀକ୍ଷା ନଦେଇ ଛାଡ଼ି ଦେଲେ । ସେବେଠାରୁ ସର୍ବହରା ସମାଜପ୍ରତି ମନୋଜ ଦାସଙ୍କର ସମ୍ବେଦନଶୀଳତା ତାଙ୍କୁ ଜଣେ ଲୋକପ୍ରିୟ ବ୍ୟକ୍ତି ଭାବରେ ପରିଚିତ କରାଇବାରେ ଲାଗିଲା । ପାଠ ପଢ଼ିଲାବେଳୁ ସେ ସମାଜ-ଦର୍ପଣରେ ବାରମ୍ବାର ଅତି ନିକଟରୁ ସାଧାରଣ ମଣିଷଟିକୁ ନିରେଖି ଦେଖିବା ଆରମ୍ଭ କରି ଦେଇଥିଲେ । ବାଲେଶ୍ୱରରେ ଅବସ୍ଥାନ କାଳରେ ସେ ଚାଷୀ ଆନ୍ଦୋଳନରେ ନେତୃତ୍ୱ ନେବା ସହ ଓକିଲାତି ପଢ଼ିଲାବେଳେ ମଧୁସୂଦନ ଆଇନ୍ ମହାବିଦ୍ୟାଳୟ ଛାତ୍ର ସଙ୍ଗଠନର ସଭାପତି ହୋଇଥିଲେ । ସେତେବେଳକୁ ତାଙ୍କର ଲେଖନୀ ଚାଳନା ମଧ ଆରମ୍ଭ ହୋଇ ଯାଇଥିଲା । ସାହିତ୍ୟ ସୃଷ୍ଟିର ଆଦ୍ୟ ପର୍ଯ୍ୟାୟରେ ସେ ଲେଖୁଥିଲେ କବିତା । ତାଙ୍କ କବିତାରେ ଥିଲା ମାନବୀୟ ସମ୍ବେଦନାଧର୍ମୀ ସାମ୍ୟବାଦର ସ୍ୱର, ନୂତନ ସୃଷ୍ଟିର ଏକ ଭିନ୍ନ ଇଲାକାକୁ ଚାଲିଯିବାର ଅନ୍ୱେଷା । ସବୁଜ ଯୁଗର ରୋମାଣ୍ଟିକ୍ ଭାବୋଚ୍ଛ୍ୱାସ ସମ୍ବଳିତ କଳ୍ପନା ବିଳାସୀ କାବ୍ୟସ୍ୱର ବିରୋଧରେ ଓଡ଼ିଆ କବିତାରେ ପ୍ରଗତିବାଦୀ ଚେତନା ଏବଂ ସାମ୍ୟବାଦୀ ସ୍ୱରର ପ୍ରବାହ ପ୍ରବେଶ କରାଇବାରେ ତାଙ୍କ କବିତାର ମୂଲ୍ୟ ଏକାନ୍ତ ଗୁରୁତ୍ୱପୂର୍ଣ୍ଣ ।

୧୯୫୯ରେ ରେଭେନ୍ସା ମହାବିଦ୍ୟାଳୟରୁ ଇଂରାଜୀରେ ତୃତୀୟ ଶ୍ରେଣୀରେ ଏମ୍.ଏ. ପାଶ୍ କରିବା ପରେ ସେ କିଛି ବର୍ଷ ଖ୍ରୀଷ୍ଟ କଲେଜରେ ଅଧାପନା ଦେଉଥିଲେ । ସେହି ବର୍ଷ ତାଙ୍କର ବିବାହ ହୋଇଥିଲା କୁଜଙ୍ଗର ଜମିଦାର ଓ ସ୍ୱାଧୀନତା ସଂଗ୍ରାମୀ ନାରାୟଣ ବୀରବର ସାମନ୍ତ ଓ ରତ୍ନବାଳୀ ଜେମାଙ୍କ କନ୍ୟା ପ୍ରତିଜ୍ଞା ସାମନ୍ତଙ୍କ ସହିତ । କିନ୍ତୁ ଆଦର୍ଶ, ସମାଜବାଦୀ ବାସ୍ତବତା ଓ ଚିରନ୍ତନ ସୁଖର ସନ୍ଧାନ କରୁ କରୁ ହଠାତ୍ ଦିନେ ସାମ୍ୟବାଦର ଇଲାକାରୁ ଯାଇ ଆଧ୍ୟାତ୍ମବାଦ ଶିବିରରେ ପହଞ୍ଚିଗଲେ ମନୋଜ ଦାସ । ୧୯୬୩ରୁ ସେ ପଣ୍ଡିଚେରୀର ଶ୍ରୀ ଅରବିନ୍ଦ ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ରରେ ଇଂରାଜୀରେ ଏବଂ ତାଙ୍କ ପତ୍ନୀ ପ୍ରତିଜ୍ଞା ଦେବୀ ମନସ୍ତତ୍ତ୍ୱରେ ଅଧାପନା କରି ଆସୁଛନ୍ତି ।

ପିଲାବେଳେ ମନୋଜ ଦାସ ଥିଲେ ସମ୍ପୂର୍ଣ୍ଣ ନାସ୍ତିକ, କିନ୍ତୁ ଆଜି ସେ ଜଣେ ପରମ ଆଧ୍ୟାତ୍ମବାଦୀ ଆସ୍ତିକ । ଠିକ୍ ସେହିପରି ତରୁଣ

କଥା ନାହିଁ କିମ୍ବା ସେ ପାଇଁ ମୁଁ ଅପେକ୍ଷା କରି ନାହିଁ । ଅସଂଖ୍ୟ ମାର୍ମିକ ମନ୍ତବ୍ୟ ଭିତରେ ସେ ସ୍ୱୀକୃତି ମୁଁ ପାଇ ଆସିଛି । ବସ୍ତୁତଃ, ସେ ଦିଗରେ ମୁଁ ପ୍ରଥମରୁ ହିଁ ଅନୁଭବ କରି ଆସିଛି ।

ଆପଣଙ୍କୁ ଜଣେ ବଳିଷ୍ଠ ଲେଖକ କରି ଗଢ଼ି ତୋଳିବାରେ ଆଶ୍ରମର କିଭଳି ଅବଦାନ ରହିଛି ? ସାଧାରଣ ସାମାଜିକ ଜୀବନରେ ଏହା କ'ଣ ସମ୍ଭବ ହୋଇପାରି ନଥାନ୍ତା ?

ଆଶ୍ରମର ପରିବେଶ - ଯେଉଁ ପରିବେଶର ସ୍ରଷ୍ଟା ଦିବ୍ୟ ଜନନୀ - ମୋତେ ଯେଭଳି ସହାୟତା ଦେଇଛି, ତାହା ଅନ୍ୟ କେଉଁଠି ପାଇ ପାରିଥାନ୍ତି ବୋଲି କଳ୍ପନା କରି ହେବ ନାହିଁ । ଆଶ୍ରମ ବାହାରେ, ସାଧାରଣ ସାମାଜିକ ଜୀବନଯାପନ କରିଥିଲେ ଅନ୍ୟ କୌଣସି କ୍ଷେତ୍ରରେ ହୁଏତ କିଛି କରିଥାନ୍ତି, କିନ୍ତୁ ଯେଉଁ ସୃଜନଶୀଳ ସାହିତ୍ୟ ସୃଷ୍ଟି ମୋ ଦ୍ୱାରା ଏଠାରେ ସମ୍ଭବପର ହୋଇଛି, ତାହା ହୋଇପାରି ନଥାନ୍ତା ।

**ଆପଣଙ୍କ ଅଧିକାଂଶ ଲେଖା ହାସ୍ୟ ଓ ସମାଲୋଚନା ଦ୍ୱାରା ଜଣେ ସମାଜ ସଂସ୍କାରକର ବୋଲି ଜଣାପଡ଼େ, ଆପଣଙ୍କ ମତ କ'ଣ ?**

ମୋର ସବୁଠୁ ବିଦଗ୍ଧ ଏବଂ ଅର୍ନ୍ତଦୃଷ୍ଟି ସମ୍ପନ୍ନ ପାଠକମାନେ ଏକଥା କହନ୍ତି ନାହିଁ । ସେମାନଙ୍କ ଅଭିଜ୍ଞତାର ମର୍ମ - ସେମାନେ ଜୀବନର ବୈଚିତ୍ର୍ୟ, ସୂକ୍ଷ୍ମତା, ଗଭୀରତା ତଥା ସମ୍ଭାବନାକୁ ମୋ ଲେଖା ଭିତରେ ଅନୁଭବ କରିଥାନ୍ତି । ଅନୁଭବ କରିଥାନ୍ତି ସମ୍ବେଦନ । ଅବଶ୍ୟ ସମାଜ ଉପରେ (ସଂସ୍କାରର ଆବଶ୍ୟକତା ସମେତ) ମୋ ମତାମତ ଅବଶ୍ୟ ମୁଁ ଖବରକାଗଜ ସମୂହରେ ଲେଖିଥିବା ବହୁ ସ୍ତମ୍ଭରେ ସ୍ପଷ୍ଟ ।

ସାହିତ୍ୟ ମନୋରଞ୍ଜନଧର୍ମୀ ହେବା ଉଚିତ ନା ଏକ ଗଠନମୂଳକ ଉଚ୍ଚ ଚିନ୍ତାଧାରା ସୃଷ୍ଟି କରିବା ଉଚିତ୍ ?

ସାହିତ୍ୟ ଏକ ଅଭିଯାନ - ଜୀବନର, ସୃଷ୍ଟିର, ଜୀବନୋତ୍ତର ଶକ୍ତି ସମୂହର ରହସ୍ୟ ଭିତରକୁ ଅଭିଯାନ । କୌଣସି ସୀମିତ ଲକ୍ଷ୍ୟ ତା'ର ଆଭିମୁଖ୍ୟ ହୋଇ ପାରେନା । ମନୋରଞ୍ଜନ ଓ ଗଠନମୂଳକ ଏକ ଏକ ଆପେକ୍ଷିକ ଶବ୍ଦ । ଏ ଦୁଇ ଶବ୍ଦ ଦ୍ୱାରା ଆପଣ ଯାହା ବୁଝାଉଛନ୍ତି, ଅନ୍ୟ ଜଣେ ତାହା ନ ବୁଝାଉଥାଇ ପାରେ । ନବତଳ ବାରବାଟି ଦୁର୍ଗ ଭଳି ମନ ଏକ ବହୁତଳ ଇମାରତ୍ । ମନୋରଞ୍ଜନ ପ୍ରଥମ ତଳର ହୁଲସ୍ଥୁଲ୍ ଧର୍ମୀ ବ୍ୟାପାର ହୋଇପାରେ - ନବମ ତଳର ପ୍ରଶାନ୍ତି ବି ହୋଇପାରେ । ମନୋରଞ୍ଜନ ସାହିତ୍ୟର ଆଭିମୁଖ୍ୟ ନହେଲେ ବି ସାହିତ୍ୟ ମନୋରଞ୍ଜନ ସାଧନ କରିପାରେ । ସାହିତ୍ୟିକର ଶକ୍ତି ବା ମହତ୍ୱ ଉପରେ ନିର୍ଭର କରେ- ତା' ସୃଷ୍ଟି ମନର ନବତଳ ପ୍ରାସାଦର କେଉଁ ତଳ ରଞ୍ଜନ କରୁଛି । ତା'ପରେ ରହିଲା ଗଠନମୂଳକ ଭୂମିକା କଥା । ସେ ଶବ୍ଦାର୍ଥର ବ୍ୟାପ୍ତି ମଧ ବହୁତ । ମହତ୍ତର ସାହିତ୍ୟ ଇସ୍ତାହାରଧର୍ମୀ ଗଠନମୂଳକତା ନୁହେଁ, ଚେତନାର ସୂକ୍ଷ୍ମତର ବିକାଶରେ ସହାୟତା କରେ । ତାହା ମଧ ଏକ ପ୍ରକାର ଗଠନମୂଳକ ଭୂମିକା ।

ବୟସରେ ଜଣେ ନିରୁତା ବାମପନ୍ଥୀ ତଥା ଚରମ ମାର୍କସବାଦୀ ରୂପେ ପରିଚିତ ଥିବା ଏବେ ମନୋଜ ଦାସ ଆଧ୍ୟାତ୍ମବାଦର ପରମ ପୂଜାରୀ । ଲେନିନୀୟବାଦ, ଷ୍ଟାଲିନୀୟବାଦ ବଦଳରେ ଏବେ ତାଙ୍କ ପାଇଁ 'କର୍ମଣ୍ୟେ ବାଧିକାରସ୍ତେ ମା ଫଳଷ୍ୟୁ କଦାଚନ' । ମାଟ୍ରିକ ପାଶ୍ କରିବା ପରଠାରୁ ବାମପନ୍ଥୀ ଛାତ୍ର ସଙ୍ଗଠନରେ ତାଙ୍କ ଯୋଗଦାନ ପରେ ୧୯୫୪-୫୫ରେ ଅବିଭକ୍ତ କମ୍ୟୁନିଷ୍ଟ ଦଳର ଛାତ୍ର ସଙ୍ଗଠନର ସାଧାରଣ ସମ୍ପାଦକ ହୋଇ ଅନ୍ୟ କମ୍ୟୁନିଷ୍ଟଙ୍କ ଭଳି ସେ ଈଶ୍ୱର ବିଶ୍ୱାସୀ ନଥିଲେ- ଏପରି ଏକ ଭିତ୍ତିଭୂମିରେ ସେ ଯେ ନୂତନ ଆଶାବୋଧର ସନ୍ଧାନରେ ଯିବେ ଏବଂ ତାଙ୍କ ଚେତନା ରୂପାନ୍ତରିତ ହେବ - ଏହା କେହି ବିଶ୍ୱାସ କରୁ ନଥିଲେ । କାରଣ ପ୍ରଗତିମୂଳକ ଚିନ୍ତାଧାରା, ଅବିରତ ଲେଖାଲେଖି ଓ କର୍ମ ତତ୍ପରତା ମଧ୍ୟରେ ସେ ଭବିଷ୍ୟ ଭୂମିକା ନିମନ୍ତେ ପ୍ରସ୍ତୁତି ଚଳାଇଥିବା ବେଳେ, ଜଣେ ଚିନ୍ତାଶୀଳ ଅଧ୍ୟାପକ ରୂପେ ଛାତ୍ର ସମାଜରେ ସୁନାମ ଅର୍ଜନ ବେଳେ, ଅକସ୍ମାତ କର୍ମଭୂମି କଟକରୁ ପଣ୍ଡିଚେରୀର ଶ୍ରୀ ଅରବିନ୍ଦ ଆଶ୍ରମ - ଏହା ବାସ୍ତବରେ ଆଶ୍ଚର୍ଯ୍ୟଜନକ ବିଷୟ । ଅବଶ୍ୟ ଏଭଳି

## ସ୍ୱୀକୃତିନାମା

୧୯୬୫ -'ଆରଣ୍ୟକ' ଗଳ୍ପ ଗ୍ରନ୍ଥ ପାଇଁ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର । ୧୯୭୧- 'ମନୋଜ ଦାସଙ୍କ କଥା ଓ କାହାଣୀ' ପାଇଁ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାର । ୧୯୮୦- 'ଧୂମ୍ରାଭ ଦିଗନ୍ତ ଓ ଅନ୍ୟାନ୍ୟ କାହାଣୀ' ପାଇଁ ସାରଳା ସମ୍ମାନ । ୧୯୮୭- ପ୍ରଜାତନ୍ତ୍ର ସମିତି ତରଫରୁ ବିଷୁବ ପୁରସ୍କାର । ୧୯୯୪ - ଗଙ୍ଗାଧର ରଥ ଫାଉଣ୍ଡେସନ ତରଫରୁ ପ୍ରଥମ ସାହିତ୍ୟ ଭାରତୀ ସମ୍ମାନ । ୨୦୦୦- ପଦ୍ମଶ୍ରୀ ଏବଂ କେ.କେ. ବିରଳା ପ୍ରତିଷ୍ଠାନ ପକ୍ଷରୁ ସରସ୍ୱତୀ ସମ୍ମାନ ।

## କୃତିରାଜି

କବିତା- ଓଡ଼ିଆ ଶତାବ୍ଦୀର ଆର୍ତ୍ତନାଦ (୧୯୪୮), ବିପ୍ଳବୀ ଫକୀର ମୋହନ (୧୯୪୯), ପଦଧ୍ୱନୀ (୧୯୫୪), ଉପନିବେଶ (୧୯୫୫), ନନ୍ଦାବତୀର ମାଝି (୧୯୫୬), ତୁମ ଗାଁ ଓ ଅନ୍ୟାନ୍ୟ କବିତା (୧୯୯୨) । ଗଳ୍ପ - ସମୁଦ୍ରର କ୍ଷୁଧା (୧୯୫୦), ଜୀବନର ସ୍ୱାଦ (୧୯୫୨), ବିଷ କନ୍ୟାର କାହାଣୀ (୧୯୫୪), ଆରଣ୍ୟକ (୧୯୬୦), ଶେଷ ବସନ୍ତର ଚିଠି (୧୯୬୬), ମନୋଜ ଦାସଙ୍କ କଥା ଓ କାହାଣୀ (୧୯୭୧), ଲକ୍ଷ୍ମୀ ଅଭିସାର (୧୯୭୪), ଆବୁପୁରୁଷ ଓ ଅନ୍ୟାନ୍ୟ ଗଳ୍ପ (୧୯୭୫), ଧୂମ୍ରାଭ ଦିଗନ୍ତ ଓ ଅନ୍ୟାନ୍ୟ କାହାଣୀ (୧୯୭୭), ମନୋଜ ପଞ୍ଚବିଂଶତି (୧୯୮୩), ଭିନ୍ନ ମଣିଷ ଓ ଅନ୍ୟାନ୍ୟ କାହାଣୀ (୧୯୮୮), ଚତୁର୍ଥ ବନ୍ଧୁ ଓ ଅନ୍ୟାନ୍ୟ କାହାଣୀ(୧୯୦୨), ଅବୋଲକରା କାହାଣୀ (୧୯୯୧) । ଇଂରାଜୀ: ସର୍ଟ ଷ୍ଟୋରିଜ୍ ବାଏ ମନୋଜ ଦାସ, ଏ ସଙ୍ଗ ଫର ସଣ୍ଡେ ଆଣ୍ଡ ଅଦର ଷ୍ଟୋରିଜ୍, ଦି କ୍ରୋକୋଡାଇଲ୍ସ ଲେଡ଼ି ଆଣ୍ଡ ଅଦର ଷ୍ଟୋରିଜ୍, ଫେବ୍ଲସ ଆଣ୍ଡ ପାଣ୍ଡାସିସ୍ ଫର ଆଡ଼ଲଟ୍ସ, ଦି ଭେଞ୍ଜେନ୍ସ ଆଣ୍ଡ ଅଦର ଷ୍ଟୋରିଜ, ଦି ସବ୍ ମର୍ଜଡ ଭିଲେଜ ଆଣ୍ଡ ଅଦର ଷ୍ଟୋରିଜ୍ । ଉପନ୍ୟାସ - ପ୍ରଭଞ୍ଜନ (୧୯୮୭), କନକ ଉପତ୍ୟକାର କାହାଣୀ (କିଶୋର ଉପନ୍ୟାସ, ୧୯୮୨), ଅମୃତଫଳ (୧୯୯୬), ଆକାଶର ଇସାରା (୧୯୯୭), ତନ୍ଦ୍ରା ଲୋକର ପ୍ରହରୀ (୨୦୦୦) । ଇଂରାଜୀ: ସାଇକ୍ଲୋନ (୧୯୭୦), ଟାଇଗର ଆଟ୍ ଟ୍ୱିଲାଇଟ୍ । ଭ୍ରମଣ କାହାଣୀ- ଇଣ୍ଡୋନେସିଆ ଅନୁଭୂତି (୧୯୫୭), ଦୂର ଦୂରାନ୍ତର (୧୯୭୬) । ଲଳିତ ନିବନ୍ଧ ଓ ସମାଲୋଚନା - କେତେ ଦିଗନ୍ତ ୧ମ ଓ ୨ୟ (୧୯୮୬), ସାମ୍ପ୍ରତିକ ଓଡ଼ିଆ ସାହିତ୍ୟ ସ୍ଥାଣୁ ନା ଗତିଶୀଳ, ଗଳ୍ପରେ ଲେଖକର ଭାଷ୍ୟ (ସାକ୍ଷାତ୍କାର) । ଇଂରାଜୀ: ଶ୍ରୀ ଅରୋବିନ୍ଦ, ଶ୍ରୀ ଅରୋବିନ୍ଦ- ଇନ ଦି ଫାଷ୍ଟ ଡିକେଟ୍ ଅଫ ଦି ସେଞ୍ଚୁରୀ । ସମ୍ପାଦନା - ଓଡ଼ିଆ ପତ୍ରିକା ଦିଗନ୍ତ (୧୯୫୦-୬୨), ଓ 'ଆଗାମୀ' ଏବଂ ଇଂରାଜୀ ମାସିକ ପତ୍ରିକା 'ଦି ହେରିଟେଜ୍' (୧୯୮୫-୮୯) । ଶିଶୁ ସାହିତ୍ୟ - ଟେମ୍ପଲ୍ସ ଅଫ ଇଣ୍ଡିଆ, ରିଭରସ୍ ଅଫ ଇଣ୍ଡିଆ, ଟେଲ୍ସ ଫ୍ରମ୍ ମେନି ଲ୍ୟାଣ୍ଡସ୍, ପରସିଆନ୍ ଟେଲ୍ସ ଅଫ୍ ୱିଟ୍ ଆଣ୍ଡ ଡିଲାଇଟ୍, ଷ୍ଟୋରିଜ୍ ଅଫ୍ ଲାଇଟ୍ ଆଣ୍ଡ ଡିଲାଇଟ୍, ବୁକ୍‌ସ ଫର ଏଭର, ଏ ବ୍ରାଇଡ୍ ଇନସାଇଡ୍, ଏ ବାସ୍କେଟ୍ ଆଣ୍ଡ ଅଦର ଷ୍ଟୋରିଜ ।

ପରିବର୍ତ୍ତନର ହେତୁ ସମ୍ପର୍କରେ ସେ କହିଛନ୍ତି ଯେ, ଗତାନୁଗତିକ ଜୀବନଧାରା ତାଙ୍କୁ ସନ୍ତୋଷ ଦେଇ ପାରି ନଥିଲା । ଅସ୍ୱଷ୍ଟବୋଧ ଭିତରୁ ତାଙ୍କର ସନ୍ଧାନ ଆରମ୍ଭ ହୋଇଥିଲା । ଏଇ ମଣିଷ ଦିନେ ତା'ର ଅଧୁନାତନ ଅବସ୍ଥା ଅତିକ୍ରମ କରିବ । ଦୁର୍ବଳତା ଓ ଅସହାୟତାରୁ ଉତ୍ତୀର୍ଣ୍ଣ ହେବ । ଶ୍ରୀ ଅରବିନ୍ଦ ମନୁଷ୍ୟ ସମ୍ପର୍କରେ ଯେଉଁ ନୂତନ ଦିଗ୍‌ଦର୍ଶନ ଦେଇଛନ୍ତି ତାହା ତାଙ୍କୁ ପ୍ରଭାବିତ କରିଛି । ମଣିଷ ମଣିଷ ଭିତରେ ଏକତ୍ୱର ଦର୍ଶନ ଆଡ଼କୁ ତାଙ୍କ ବାମପନ୍ଥୀ ରାଜନୈତିକ ଜୀବନ ଆକୃଷ୍ଟ ହୋଇଥିଲା । ସେ ଏକତ୍ୱର ରୂପାୟନ, ଚେତନା ରାଜ୍ୟରେ ଓଲଟପାଲଟ ବିନା ସମ୍ଭବପର ନୁହେଁ । ସେଥିପାଇଁ ଅରବିନ୍ଦ ଦର୍ଶନରେ ମଣିଷ ଓ ତା'ର ଚେତନାରେ ପରିବର୍ତ୍ତନର ଆଶାନ୍ୱିତ ବାର୍ତ୍ତାଥିବା ଜାଣି ମନୋଜ ବାବୁ ସେଥିପ୍ରତି ଆକୃଷ୍ଟ ହେଲେ । ତାଙ୍କ ଭାଷାରେ, ''ସ୍ଥୂଳ ଜୀବନଯାତ୍ରାରେ ରାଜନୀତିର ଭୂମିକା ଅଛି, ଆଦର୍ଶବାଦର ଭୂମିକା ଅଛି । ଆଧ୍ୟାତ୍ମିକତା ବିଶେଷତଃ ଶ୍ରୀ ଅରବିନ୍ଦଙ୍କ ଦର୍ଶନ ସେ ସବୁର ବିରୋଧ କରେ ନାହିଁ ବା ସେ ସବୁର ବିକଳ୍ପ ନୁହେଁ । ... ମଣିଷର ସୃଷ୍ଟି ବିବର୍ତ୍ତନର ଆଭିମୁଖ୍ୟ, ମଣିଷ ଜାତିର ଅନିର୍ବାଯ୍ୟ ଭବିଷ୍ୟତ ସମ୍ପର୍କରେ ଶ୍ରୀ ଅରବିନ୍ଦ ଯେଉଁ ଦିଗ୍‌ଦର୍ଶନ ଦେଇଛନ୍ତି, ତାହା ମୋତେ ବିଜ୍ଞାନସମ୍ମତ ଏବଂ ପୂର୍ଣ୍ଣାଙ୍ଗ ମନେ ହେଲା ।'' *(ମନୋଜ ପଞ୍ଚବିଂଶତି)*

ମନୋଜ ଦାସଙ୍କ ମାନସର ପରିବର୍ତ୍ତନ ଚିହ୍ନଟ ପରିପ୍ରେକ୍ଷୀରେ ଉପରୋକ୍ତ ବକ୍ତବ୍ୟ ସର୍ବାଦୌ ଉଲ୍ଲେଖଯୋଗ୍ୟ । ତେଣୁ ସାମ୍ପ୍ରତିକ ଭାରତୀୟ ସାହିତ୍ୟ କ୍ଷେତ୍ରରେ ସେ ଜଣେ ମହତ୍ତର ଚେତନାର ଶିଳ୍ପୀ । ଆନ୍ତର୍ଜାତିକ ସ୍ତରରେ ମଧ୍ୟ ତାଙ୍କର ଉଚ୍ଚାଙ୍ଗ ସୃଷ୍ଟି ସମ୍ପଦ ନାନା ଭାବରେ ସ୍ୱୀକୃତ ଓ ଆଦୃତ । ସେ ଯେଉଁ ଅଭାବନୀୟ ଦୃଷ୍ଟିଭଙ୍ଗୀ ନେଇ ମଣିଷର ଜୀବନକୁ ଅତି ନିକଟରୁ ଦେଖିଛନ୍ତି ଓ ଲେଖିଛନ୍ତି ତାହା ହିଁ ତାଙ୍କୁ ଜଣେ ସାର୍ଥକ ଜୀବନଶିଳ୍ପୀର ମର୍ଯ୍ୟାଦା ପ୍ରଦାନ କରିଛି ଏବଂ ଏହା ସମ୍ଭବ ହୋଇଛି ଦିବ୍ୟ ଜୀବନ ପଥରେ ତାଙ୍କର ନିରବଚ୍ଛିନ୍ନ ସାଧନା । ଭାରତୀୟ ସଂସ୍କୃତି ଓ ପରମ୍ପରା ତଥା ବିଶ୍ୱମାନବିକତାର ପ୍ରତିଫଳନ ତାଙ୍କ ସୃଷ୍ଟିକୁ କରିଛି ଅନୁପମ ଏବଂ ତାଙ୍କୁ ଗଢ଼ି ତୋଳିଛି ଐଶ୍ୱର୍ଯ୍ୟମଣ୍ଡିତ । କେବଳ ଉତ୍କଳୀୟତା କିମ୍ବା ଭାରତୀୟତା ଭିତରେ ସେ ସୀମାବଦ୍ଧ ନରହି ବିଶ୍ୱସ୍ତରୀୟ ସମଗ୍ର ମଣିଷ ସମାଜର ଚେତନାକୁ କରିଛନ୍ତି ପ୍ରତିଫଳିତ ; ପରମ୍ପରା ଓ ଐତିହ୍ୟର ପୃଷ୍ଠଭୂମି ଉପରେ ଆପଣାର ସ୍ୱତନ୍ତ୍ର ଦୃଷ୍ଟିକୋଣକୁ ଉପସ୍ଥାପିତ କରି ଆଞ୍ଚଳିକତା, ଭାରତୀୟତା ଏବଂ ବିଶ୍ୱ ମାନସିକତାକୁ ଗୋଟିଏ ସୂତ୍ରରେ ବାନ୍ଧି ରଖିବାକୁ ସଦାଚେଷ୍ଟିତ ଥିବା ମନୋଜ ଦାସ ଜଣେ ବିଶ୍ୱସ୍ତ ଦାୟାଦ ଭାବରେ ସର୍ବଦା ପୂଜନୀୟ ଏବଂ ମାନବୀୟ ଅନନ୍ୟ ଉତ୍ତରଣର ଏକ ଅମ୍ଳାନ ସ୍ୱାକ୍ଷର । ■

ସ୍ରଷ୍ଟାର ସୃଷ୍ଟି ନିଜସ୍ୱ । ନିଜସ୍ୱ ଚିନ୍ତାକୁ ନେଇ ସେ ସୃଷ୍ଟି କରିଚାଲେ ସାହିତ୍ୟ, କଳା, ସଂସ୍କୃତି, ସଙ୍ଗୀତ ଆଉ ଚିତ୍ର ପରି ଅନେକ କିଛି । ସୃଷ୍ଟିକୁ ନେଇ ପରିଚିତ ହୁଏ ସ୍ରଷ୍ଟା । ସମସ୍ତଙ୍କ ଦୃଷ୍ଟିକୁ ଆସେ ସୃଷ୍ଟି । ମାତ୍ର ଅନେକଙ୍କ ଆଗୋଚରରେ ରହିଯାଏ ସୃଷ୍ଟିର ରହସ୍ୟ । କେଉଁ ପରିସ୍ଥିତିରେ ସ୍ରଷ୍ଟା ନୂଆ ସୃଷ୍ଟିଟିଏ ଜନସାଧାରଣଙ୍କ ସମ୍ମୁଖରେ ବାଢ଼ିଦିଏ ତାହାକୁ ନେଇ 'କାଦମ୍ବିନୀ'ର ଏକ ନୂତନ ପ୍ରୟାସ 'ସୃଷ୍ଟି ଓ ସ୍ରଷ୍ଟା' । ଏଥର ସାହିତ୍ୟର ଏକ ସୃଷ୍ଟି ସରସ୍ୱତୀ ପୁରସ୍କାରପ୍ରାପ୍ତ ପୁସ୍ତକ 'ଅମୃତର ଫଳ' ସମ୍ପର୍କରେ ସ୍ରଷ୍ଟା ମନୋଜ ଦାସଙ୍କ ଅଭିବ୍ୟକ୍ତି ।




# 'ଅମୃତଫଳ'ର ସୃଷ୍ଟି ସମ୍ପର୍କରେ



ନିଜ ଲେଖା କୌଣସି ଉପନ୍ୟାସ ବା କାହାଣୀ ସମ୍ପର୍କରେ କୌଣସି ବିଶ୍ଳେଷଣ ଦେବାର ତାଗିଦା ମୋତେ ବଡ଼ ଅଡୁଆରେ ପକାଏ । ତେବେ ସେ ଧରଣର ଅଡୁଆ ଏଡ଼ାଇ ଯିବା ସହଜ ନୁହେଁ । 'ଅମୃତଫଳ' ସମ୍ପର୍କରେ, ସରସ୍ୱତୀ ସମ୍ମାନ ଗ୍ରହଣ ଅବସରରେ ଦିଲ୍ଲୀରେ ଏବଂ ଅନ୍ୟତ୍ର ପତ୍ରପତ୍ରିକାମାନଙ୍କ ପ୍ରଶ୍ନର ସଂକ୍ଷିପ୍ତ ଉତ୍ତର ଯେତେବେଳେ ଦେବାକୁ ବାଧ ହୋଇଛି, 'କାଦମ୍ବିନୀ' କ୍ଷେତ୍ରରେ ବା ନିରବ ରହିଯିବାର ସାହସ ପାଇବି କାହୁଁ !

ଏକ ବିଶେଷ ମହତ ସ୍ତରରୁ ଅନୁଭବ କରିପାରିଲେ ଆମେ ହୁଏତ ହୃଦୟଙ୍ଗମ କରିପାରିବା ଯେ, ସମୟ ବା କାଳ ଅବିଭାଜ୍ୟ । ସେହିଭଳି ଜୀବନ ମଧ ଅନାଦି ଏବଂ ଅନନ୍ତ ! ଅବଶ୍ୟ ଚେତନାର ଯେଉଁ ମାମୁଲି ସ୍ତରକୁ ଆମେ ଆମର ସମୁଦାୟ ପରିଚୟ ବୋଲି ଧରିନେଉ, ସେଠାରେ ଜୀବନ, ଜନ୍ମ-ମୃତ୍ୟୁ ଏବଂ ସାମାଜିକ ପାରିବାରିକ ପରିଚୟର ବନ୍ଧନୀ ଭିତରେ ସୀମିତ । କାଳ ମଧ ସେମିତି ପ୍ରଭାତ, ମଧ୍ୟାହ୍ନ, ସନ୍ଧ୍ୟା ଓ ରଜନୀ ବା ମାସ, ବର୍ଷ ଶତାବ୍ଦୀର ମାପଚୁପ୍‌ରେ ଚୁର୍‌ମାର୍ ।

ତଥାପି, ଆମର ଏଇ ସୀମାବଦ୍ଧ ଜୀବନ ପର୍ଦ୍ଦାରେ କେବେ କ୍ୱଚିତ୍ ପ୍ରତିଫଳିତ ହୋଇପାରେ ଅନିର୍ବାଣ ଜୀବନର କେଇ ଝଲକ ସତ୍ୟ; ଚଳମାନ ସମୟ ଭିତରେ ବି ଅନୁଭୂତ ହୋଇପାରେ ଚିରନ୍ତନୀର ସ୍ପନ୍ଦନ ।

'ଅମୃତଫଳ'ରେ ଦୂର ଅତୀତର ଭର୍ତ୍ତୃହରି ଏବଂ ଆମ ସମସାମୟିକ ଅମରନାଥଙ୍କ ଚେତନା ଓ ଅନ୍ୱେଷଣ ଭିତରେ ଏକ ସେତୁର ଚିତ୍ର ପରିବେଷିତ ହୋଇଛି । ଦୁଇ ହଜାର ବର୍ଷ ଭିତରେ ମଣିଷର ଆଶା-ହତାଶବୋଧ, ସୁଖ-ଦୁଃଖବୋଧ ଏବଂ ଜ୍ଞାନ-ଅଜ୍ଞାନ ଚାଳିତ କର୍ମଧାରାରେ ଯେପରି ଗୁଣଗତ ପରିବର୍ତ୍ତନ ହୋଇ ନାହିଁ, ସେହିପରି ସଚେତନ ଭାବରେ ହେଉ ବା ଅଚେତନ ଭାବରେ ହେଉ, ତା'ର ସର୍ବୋତ୍ତମ ଅନ୍ୱେଷଣର ଆଭିମୁଖ୍ୟରେ ବି ପରିବର୍ତ୍ତନ ହୋଇନାହିଁ ।

'ଅମୃତଫଳ'ର ଭିତ୍ତି ଯେଉଁ ଜୀବନ ଦର୍ଶନ, ଏହା ହିଁ ତା'ର ମର୍ମ । କହିବା ବାହୁଲ୍ୟ, ଉପନ୍ୟାସଟିରେ ଅନ୍ୟାନ୍ୟ ବହୁ ବକ୍ତବ୍ୟ ରହିଛି । ସେସବୁ ନିରୂପଣ କରିବା ସମୀକ୍ଷକମାନଙ୍କର ଧର୍ମ । ■